# Akashvani, Sambalpur

## SAMBALPURI NEWS EVENING BULLETIN

## 16 August 2025- 7.02 pm- 7.12 pm.

*********************************************

୧- ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍‌ର ଭିନ୍ ଭିନ୍ କାମ୍‌ର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

- ଅପପୁଷ୍ଟି ରୁକ୍‌ବାର୍ ଲାଗି କାର୍ଯ୍ୟକାରୀ ହେଉଥିବା ଟେକ୍ ହୋମ୍ ରାସନ୍ ଯୋଜ୍‌ନାକେ ଅଏତ୍‌କା କ୍ରୀୟାଶୀଳ କର୍‌ବାର୍ ଲାଗି ଦେଲେ ପରାମର୍ଶ ।

୨- ରାଏଜେ ୧୨ ଟା ନୂଆଁ ବିଜ୍ଞପିତ ଅଂଚଲ୍ ପରିଷଦ୍ ଗଠନ୍ ଲାଗି ବାହାର୍‌ଲା ଚିଠା ବିଜ୍ଞପ୍ତି ।

୩- ସାରା ରାଏଜେ ଉସ୍‌ନାକି ଆର୍ ଭକ୍ତିର୍ ସହେତେ ପାଲନ୍ କରାଯାଉଛେ ନନ୍ଦୋତ୍ସବ୍ ।

ଆଉର୍

୪- ପଶ୍ଚିମ ଓଡ଼ିଶାର୍ ଗଣପର୍ବ ନୂଆଖାଇ ଲାଗି ଆଏଜ୍ ବାହାର୍‌ଲା ଲଗନ୍ ।

ମୁଖ୍ୟମନ୍ତ୍ରୀ-ସମୀକ୍ଷା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍‌ର ଭିନ୍ ଭିନ୍ କାମ୍‌ର ସମୀକ୍ଷା କରିଛନ୍। ବିଭାଗ୍ ତର୍‌ଫୁ ଅପପୁଷ୍ଟିକେ ରୁକ୍‌ବାର୍ ଲାଗି କାର୍ଯ୍ୟକାରୀ ହେଉଥିବା ଟେକ୍ ହୋମ୍ ରାସନ୍ ଯୋଜ୍‌ନାଥି ଦିଆଯାଉଥିବା ଖାଏବାର୍ ଦରବ୍ ଖାସ୍ କରି ଛତୁଆ ଉତ୍ପାଦନ୍ ଆଉ ବଂଟନ୍ ବ୍ୟବସ୍ଥାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଦର୍‌କାରୀ ତଦାରଖ୍ ଆଉ ମୂଲ୍ୟାଙ୍କନ୍ ବ୍ୟବସ୍ଥା କାର୍ଯ୍ୟକାରୀ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ବୈଠକ୍‌ଥି ପରାମର୍ଶ ଦେଇଛନ୍। ରାଜ୍ୟର୍ ଭିନ୍ ଭିନ୍ ଯୋଜ୍‌ନାଥି ପାଖାପାଖି ୪୪ ଲାଖ୍ ହିତାଧିକାରୀଙ୍କୁ ଭିନ୍ ଭିନ୍ ପୁଷ୍ଟିଯୋଜ୍‌ନା ଅଧୀନ୍‌ଥି ଟେକ୍ ହୋମ୍ ରାସନ୍‌ଥି ଛତୁଆ ଆଉ ଅଲ୍‌ଗା ଖାଏବାର୍ ଦରବ୍ ଦିଆଯାଉଛେ। ରାଜ୍ୟର୍ ୫ ଶହ ୪୬ ଟା ସ୍ୱୟଂସହାୟକ ଗୋଷ୍ଠୀ ଜରିଏ ଛତୁଆ ଉତ୍ପାଦନ୍ କରିକରି ବଂଟାଯାଉଛେ। ଛତୁଆ ପ୍ରସ୍ତୁତିନୁ ମୁଲ୍ କରିକରି ପେକେଜିଂ ଆଉ ବଂଟନ୍‌ତକ୍ ପୁରା ବ୍ୟବସ୍ଥାଥି ବ୍ୟାପକ୍ ପରିବର୍ତନ୍ ଆନ୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍। ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା, ଉନ୍ନୟନ୍ କମିଶନର୍ ଅନୁ ଗର୍ଗ ଆଉ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ।

୧୨ଟା ଏନ୍‌ଏସି ସମ୍ବଲପୁର ସମ୍ବାଦଦାତା

ରାଜ୍ୟର୍ ୭ ଟା ଜିଲ୍ଲା ନ ଆଉ ୧୨ ଟା ବିଜ୍ଞପିତ ଅଂଚଲ୍ ପରିଷଦ୍ - ଏନ୍‌ଏସି ଗଠନ୍ ହେବା । ଇ ବାବ୍‌ଦେ ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ଚିଠା ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ସମ୍ବଲ୍‌ପୁର୍‌ର ବାମ୍‌ରା ଆଉ ରେଙ୍ଗାଲି, ସୁବର୍ଣ୍ଣପୁର୍‌ର ବୀର୍‌ମହାରାଜ୍‌ପୁର୍ ନୂଆଁ ଏନ୍‌ଏସି ତାଲିକାଥି ଠାନ୍ ପାଇଛେ । ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସ୍ୱାଧୀନତା ଦିବସ୍ ଅବ୍‌ସରେ ରାଜ୍ୟର୍ ୧୨ ଟା ନୂଆଁ ଏନ୍‌ଏସି ଥାପ୍‌ନା ଲାଗି ଘୋଷ୍‌ନା କରିଥିଲେ । ରାଜ୍ୟର୍ ଦ୍ରୁତ ବିକାଶ୍ ଆଉ ଅଭିବୃଦ୍ଧି ସହେତେ ସାଧାରଣ୍ ଲୁକଙ୍କର୍ ଆବଶ୍ୟକତାକେ ନଜର୍‌ଥି ରଖିକରି ସର୍‌କାର୍ ଇ ପଦକ୍ଷେପ୍ ନେଇଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରାଷ୍ଟ୍ରପତି- ଅମୃତ୍ ଉଦ୍ୟାନ୍ ଏନ୍‌ଏସ୍‌ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନ୍ ପରିସର୍ ନ ଆଏଜ୍ ପ୍ଲୁମେରିଆ ବଗିଚା, ବରଗଛ୍ ବନ ଆର୍ ଗୁଟେ ଛୋଟ୍ ଝର କେ ଉଦ୍‌ଘାଟନ୍ କରିଛନ୍ । ରାଷ୍ଟ୍ରପତି ଭବନ୍ ଅମୃତ୍ ଉଦ୍ୟାନ୍ ନ ଇସବୁ ସୁନ୍ଦର୍ ଗଛ୍ ଆର୍ ସୌନ୍ଦର୍ଯ୍ୟୀକରଣ୍ ପ୍ରକଳ୍ପ ରହିଛେ । ଆଏବା ମାସ ୧୪ ତାରିଖ୍‌ତକ୍ ରାଷ୍ଟ୍ରପତି

ଭବନ୍‌ର ଅମୃତ୍ ଉଦ୍ୟାନ୍ ସଖାଲର୍ ୧୦ ବଜେନୁ ବେଲ୍‌ବୁଡ଼ର୍ ୬ ବଜେତକ୍ ସର୍ବସାଧାରଣ୍‌ଙ୍କର୍ ଲାଗି ଖୁଲା ରହେବା । ଆଏବା ୨୯ ତାରିଖ୍ କ୍ରୀଡ଼ା ଦିବସ୍ ଆଉ ୫ ତାରିଖ୍ ଗୁରୁଦିବସ୍ ଅବ୍‌ସରେ ଖେଲାଲି ଆଉ ଶିକ୍ଷକ୍‌ମାନ୍‌କୁ ଖାସ୍ ପ୍ରବେଶ୍‌ର ସୁଯୋଗ୍ ମିଲ୍‌ବା । ଅମୃତ୍ ଉଦ୍ୟାନ୍ ଭିତର୍‌କେ ସାଧାରଣ୍ ଲୁକେ ମାହାଲିଆ ଯାଇପାର୍‌ବେ ଆର୍ ଇତାର୍ ରକ୍ଷଣାବେକ୍ଷଣ୍ ଲାଗି ଫି' ସୋମ୍‌ବାର୍ ଉଦ୍ୟାନ୍ ବନ୍ଦ୍ ରହେବା ।

ବାଜପେୟୀଙ୍କର୍ ପୁଣ୍ୟତିଥି ଆର୍‌ଏନ୍‌ୟୁ/ କଟକ୍

ଭାରତ୍‌ର ଆଘର୍ ପ୍ରଧାନ୍‌ମନ୍ତ୍ରୀ, ମହାନ୍ ଜନନାୟକ୍ ଆଉ ଭାରତ୍ ରତ୍ନ ଅଟଲ୍ ବିହାରୀ ବାଜପେୟୀଙ୍କର୍ ଆଏଜ୍ ୭ ନମ୍ବର୍ ପୁଣ୍ୟତିଥି ପାଲନ୍ କରାଯାଉଛେ । ୨୦୧୮ ମସିହା ଆଝିର୍ ଦିନେ ଇ ମହାନ୍ ନେତାଙ୍କର୍ ପରଲୋକ ହେଇଥିଲା । ସ୍ୱର୍ଗତ ବାଜପେୟୀଙ୍କର୍ ନେତୃତ୍ୱ, ଦୂରଦର୍ଶିତା ଆଉ ରାଷ୍ଟ୍ରଭକ୍ତି ଭାରତୀୟ ରାଜନୀତିକେ ଗୁଟେ ନୂଆଁ ରାହା ଦେଖେଇଥିଲା । ଇ ବାବ୍‌ଦେ ଶୁନୁନ୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍-ତେଜଶ୍ରୀ ମିଶ୍ର)

*ଅଟଲ୍ ବିହାରୀ ବାଜପେୟୀ ୩ ଥର୍ ପ୍ରଧାନ୍‌ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲେଇଥିଲେ । ପହେଲା କାର୍ଯ୍ୟକାଳଥି ୧୯୯୬ ମସିହା*

ନ ଖାଲି ୧୩ ଦିନ୍ ଲାଗି ସେ ପ୍ରଧାନ୍‌ମନ୍ତ୍ରୀ ହେଇଥିଲେ । ଇତାର୍‌ଉତ୍‌ରୁ ୧୯୯୮ ନୁ ୧୯୯୯ ତକ୍ ୧୩ ମାସ୍ ଲାଗି ଆଉ ୧୯୯୯ ନୁ ୨୦୦୪ ତକ୍ ୩ ନମ୍ବର୍ କାର୍ଯ୍ୟକାଳଥି ପୁରା ସମିଆ ଲାଗି ସେ ପ୍ରଧାନ୍‌ମନ୍ତ୍ରୀ ଦାୟିତ୍ୱଥି ଥିଲେ । ୨୦୧୫ ମସିହା ନ ଅଟଳ ବିହାରୀ ବାଜପେୟୀଙ୍କୁ ଦେଶର୍ ସର୍ବୋଚ୍ଚ ସମ୍ମାନ୍ ଭାରତ୍ ରତ୍ନଥି ସମ୍ମାନିତ୍ କରାଯାଇଥିଲା । ନୂଆଦିଲ୍ଲୀ ନ ଥିବା ତାଙ୍କର୍ ସ୍ମାରକୀ ସଦୈବ ଅଟଳ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସହେତେ ବହୁତ୍ ସଦସ୍ୟ ଆଉ ବିଶିଷ୍ଟ ବ୍ୟକ୍ତି ଆଏଜ୍ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଝନେ ସାଂସଦ୍ ଭାବେ ଖାସ୍ କରି ପ୍ରଧାନ୍‌ମନ୍ତ୍ରୀ ଭାବେ ଶ୍ରୀ ବାଜପେୟୀ ଦେଶର୍ ପ୍ରଗତିଥି ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ନେଇଥିଲେ । ଭିନ୍ ଭିନ୍ କ୍ଷେତ୍ରଥି ସଂସ୍କାର୍ ଆଉ ଭିତିଭୂମିର୍ ବିକାଶ୍ ଜରିଏ ଦେଶେ ଗୁଟେ ବର୍‌କସ୍ ଅର୍ଥନୀତି ଲାଗି ନିହି ପକେଇଥିଲେ । ତାଙ୍କର୍ ନେତୃତ୍ୱଥି ଦେଶ୍ ସଫଲତାର୍ ସହେତେ ପୋଖରାନ୍- ଟୁ ପରମାଣୁ ପରୀକ୍ଷଣ୍ କରିଥିଲା ।

୧୯୯୮ ମସିହା ନ ଇ ସଫଲ୍ ପରୀକ୍ଷଣ୍ ଉତ୍‌ରୁ ଭାରତ୍ ଗୁଟେ ପରମାଣୁ ସମ୍ପନ୍ନ ରାଷ୍ଟ୍ର ଭାବେ ସାରା ପୁର୍‌ଥି ନ ନିଜର୍ ନ ଥିତିକେ ମଜ୍‌ବୁତ୍ କରିଥିଲା । ୧୯୨୪ ମସିହା ଡିସେମ୍ବର୍ ୨୫ ତାରିଖ୍ ମଧ୍ୟପ୍ରଦେଶ୍‌ର ଗ୍ୱାଲିଅର୍ ଠାନେ ତାଙ୍କର୍ ଜନମ୍ ।

ଝନେ ବିଦ୍ୱାନ୍ ରାଜନେତା ଭାବେ ସେ ଭିନ୍ ଭିନ୍ ମହଲ୍ ନ ଖୋବ୍ ନାଁ କମେଇଥିଲେ । ୧୯୭୭ ମସିହାଥି ଶ୍ରୀ

*ବାଜପେୟୀ ଜାତିସଂଘ ନ ପହେଲାଥର୍ ଲାଗି ହିନ୍ଦୀ ଭାଷାଥି ବକ୍ତବ୍ୟ ରଖିଥିଲେ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତରଫୁ ତେଜଶ୍ରୀ ମିଶ୍ର ।*

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ୍ ରତ୍ନ, ଅଟଳ ବିହାରୀ ବାଜପେୟୀଙ୍କର୍ ସମର୍ପଣ୍, ସେବା ଭାବ, ବିକଶିତ୍ ଆଉ ଆତ୍ମନିର୍ଭର ଭାରତ୍‌ର ନିର୍ମାଣ୍‌ଥି ଆଏବା ପିଢ଼ିକେ ପ୍ରେରଣା ଦେବା ବଲି କହିଛନ୍ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ମହାନ୍ ଜନନାୟକ ସ୍ୱର୍ଗତ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ସେ ଝନେ ଦୂରଦୃଷ୍ଟି ସମ୍ପନ୍ନ ରାଜନେତା ଆଉ ପ୍ରଭାବ୍‌ଶାଳୀ ବକ୍ତା ଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସ୍ୱର୍ଗତ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ତାଙ୍କର୍ ଆଦର୍ଶ, ସାଧନା ଆଉ ସେବା ଭାବ୍ ସବୁବେଳେ ପ୍ରେରଣା ଦେବା ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭାରତ୍ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ତାଙ୍କର ପୁଣ୍ୟତିଥି ଅବ୍‌ସରେ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ଫାଷ୍ଟଟେଗ୍ ସୁବିଧା        ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜାତୀୟ ରାଜ୍‌ପଥ୍ ପ୍ରାଧିକରଣ୍ - ଏନ୍‌ଏଚ୍‌ଏଆଇ ଦେଶର୍ ପାଖାପାଖି ୧ ହଜାର୍ ଶହେ ୫୦ ଟା

ଟୋଲ୍ ପ୍ଲାଜା ନ ଫାଷ୍ଟଟେଗ୍ ବାର୍ଷିକ୍ ପାସ୍ ସୁବିଧା କାର୍ଯ୍ୟକାରୀ କରିଛେ । ୭୯ ନମ୍ବର ସ୍ୱାଧୀନତା ଦିବସ୍ ପାଲନ୍ ଅବ୍ସରେ ଗଲାକାଏଲ୍‌ନୁ ଇ ବ୍ୟବସ୍ଥା କାର୍ଯ୍ୟକାରୀ ହେଇଛେ । ସଡ଼କ୍ ପରିବହନ୍ ଆଉ ରାଜ୍‌ପଥ୍ ମନ୍ତ୍ରଣାଳୟ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ, ଇ ସୁବିଧା କାର୍ଯ୍ୟକାରୀ ହେବାର୍ ପହେଲା ଦିନର୍ ବେଲ୍‌ବୁଡ଼ର୍ ୭ ବଜେତକ୍ ୧ ଲାଖ୍ ୪୦ ହଜାର୍‌ନୁ ଅଏତ୍‌କା ଉପଭୋକ୍ତା ବାର୍ଷିକ୍ ପାସ୍ ଘିନିକରି ତାକେ ସକ୍ରିୟ କରିଛନ୍ । ଟୋଲ୍ ପ୍ଲାଜାଥି ଇ ସମିଆ ଭିତ୍‌ରେ ପାଖାପାଖି ୧ ଲାଖ୍ ୪୦ ହଜାର୍ କାର୍‌ବାର୍ ରେକର୍ଡ଼ କରାଯାଇଛେ । ପାସ୍ ବେଭାର୍‌କାରୀମାନ୍‌କୁ ସୂଚ୍‌ନା ଦେବାର୍ ଲାଗି ସବୁ ଟୋଲ୍ ପ୍ଲାଜା ମାନ୍‌କେ ଏନ୍‌ଏଚ୍‌ଏଆଇ ଅଧିକାରୀ ଆଉ ନୋଡ଼ାଲ୍ ଅଧିକାରୀ ନିଯୁକ୍ତ ହେଇଛନ୍ । ସୂଚ୍‌ନା ଅନ୍‌ସାରେ ବଛର୍‌କ ୩ ହଜାର୍ ଟଙ୍କା ଏକାଥର୍‌କେ ଦେଇକରି ପାସ୍ ବନାଲେ ଆଉ ଥର୍‌ଥର କରି ଫାଷ୍ଟଟେଗ୍ ରିଚାର୍ଜ କର୍‌ବାର୍‌କେ ନାଇଁପଡ଼େ । ଇ ପାସ୍ ଜରିଏ ବଛରେ ଭିତ୍‌ରେ ନାହେତ ୨ ଶହ ଟା ଟୋଲ୍‌ପ୍ଲାଜା ପାର୍ କର୍‌ବାର୍ ସୁବିଧା ରହିଛେ ।

ମେଟ୍ରିକ୍ ସପ୍ଲିମେଂଟରୀ ପରୀକ୍ଷା                କଟକ୍ ସମ୍ବାଦଦାତା

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ହାଇସ୍କୁଲ୍ ସପ୍ଲିମେଂଟରୀ ଆଉ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଲ୍

ଆଏଜ୍ ବାହାରିଛେ । ସପ୍ଲିମେଂଟରୀ ପରୀକ୍ଷାଥି ୧ ହଜାର୍ ୯ ଶହ ୪୪ ଝନ୍ ଆଉ ରାଜ୍ୟ ମୁକ୍ତ ବିଦ୍ୟାଳୟଥି ୫ ହଜାର୍ ୯ ଶହ ୭୩ ଝନ୍ ଛାତ୍ରଛାତ୍ରୀ ପାସ୍ କରିଛନ୍ ।

ଇ ବଛର ୯୮ ଟା ପରୀକ୍ଷା କେନ୍ଦ୍ରେ ନ ୩ ହଜାର୍ ୪ ଶହ ୫୭ ଝନ୍ ଛାତ୍ରଛାତ୍ରୀ ହାଇସ୍କୁଲ୍ ସପ୍ଲିମେଂଟରୀ ପରୀକ୍ଷା ଦେଇଥିଲେ ଆଉ ଶହେ ୩ ଟା କେନ୍ଦ୍ରଥି ୧୦ ହଜାର୍ ୮ ଶହ ୯ ଝନ୍ ପରୀକ୍ଷାର୍ଥୀ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଦେଇଥିଲେ । ଗଲା ଜୁଲାଇ ମାସ ୧ ନୁ ୧୦ ତାରିଖ୍ ଭିତ୍ରେ ଇ ପରୀକ୍ଷା ହେଇଥିଲା ।

ନନ୍ଦୋତ୍ସବ୍ ସମ୍ବଲପୁର୍/ସୁବର୍ଣପୁର୍

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଆନନ୍ଦ ଉଲ୍ଲାସ୍ଥି ନନ୍ଦୋତ୍ସବ୍ ହେଉଛେ । ମହାପ୍ରଭୁଙ୍କର୍ ସନ୍ଧ୍ୟା ଆଲ୍ତୀ ନୀତି ଶେଷ୍ ହେବାର୍ ଉତ୍ରୁ ମହାଜନ ସେବାୟତ୍ମାନେ ରାମକୃଷ୍ଣ ଆଉ ମଦନ୍ମୋହନ୍ଙ୍କୁ ଜଗମୋହନ୍ ନ ଅବସ୍ଥାପିତ୍ ହେଇଥିବା ଦୁଲିଥି ବିଜେ କରାବେ । ତାର୍ ଉତ୍ରୁ ମଇଲମ ଆଉ ଅଲ୍ଗା ନୀତି ସର୍ବାର୍ ଉତ୍ରୁ ପ୍ରଭୁ ଜଗନ୍ନାଥ୍ ଆଉ ଦେବୀ ସୁଭଦ୍ରାଙ୍କର୍ ପାଶେ ଷଠୀ ଆଉ ମାର୍କଣ୍ଡି ପୂଜା ହେବା । ଭିତରଛ ମହାପାତ୍ର ନନ୍ଦରାଜା

ବେଶଥି ଶ୍ରୀନଅର୍‌କେ ଯାଇକରି ଫିର୍‌ବାର୍ ଉତ୍‌ରୁ ସ୍ନାନମଣ୍ଡପ୍ ଉପ୍‌ରେ ବସ୍‌ବେ । ତାର୍ ଉତ୍‌ରୁ ମା ଲକ୍ଷ୍ମୀଙ୍କର୍ ମନ୍ଦିର୍ ପାଶେ ଗାଇଦୁହାଁ ନୀତି ହେବା ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲାର୍ ଗାଁ ନୁ ସହର୍‌ତକ୍ ଆଏଜ୍ ନନ୍ଦୋତ୍ସବ୍ ପାଲନ୍ କରାଯାଉଛେ । ଭିନ୍ ଭିନ୍ ଗୁଡ଼ି ଆଉ ମଠ ସହେତେ ରାଧାକୃଷ୍ଣମନ୍ଦିର୍ ମାନ୍‌କେ ନନ୍ଦୋତ୍ସବ୍ ଉଲ୍‌ଗୁନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛେ । ଭକ୍ତମାନେ ନନ୍ଦୋତ୍ସବର୍ ଗୀତ ଗାଇକରି ପୂଜାଥି ସାମିଲ୍ ହେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ପାତାଳି ଶ୍ରୀକ୍ଷେତ୍ର, ଶ୍ୟାମସୁନ୍ଦର୍ କୁଞ୍ଜ, ଶ୍ରୀଗୋପାଲ୍‌ଜୀଉ ମନ୍ଦିର୍, ଶଇନ୍‌ନଗରୀର ଯୋଗେଶ୍ୱରୀ ପୀଠ ସହେତେ ଭିନ୍ ଭିନ୍ ମଠ ଆର୍ ମନ୍ଦିର୍ ନ ରୀତିନୀତି ଅନ୍‌ସାରେ ନନ୍ଦୋତ୍ସବ୍ ହେଉଛେ । କୃଷ୍ଣ ବଲ୍‌ରାମ୍‌ଙ୍କର୍ ବିମାନ୍ ଶୋଭାଯାତ୍ରା କରାଯାଇଛେ ।

ନୂଆଁଖାଇ ଲଗ୍ନ ଧାର୍ଯ୍ୟ    ସମ୍ବଲପୁର୍/ସୁବର୍ଣ୍ଣପୁର ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ପ୍ରସିଦ୍ଧ ଗଣପର୍ବ ନୂଆଖାଇ ଲାଗି ଆଏଜ୍ ଲଗନ୍ ବାହାରିଛେ । ପରମ୍ପରା ଅନ୍‌ସାରେ ଆଏଜ୍ ନନ୍ଦୋତ୍ସବ୍ ଦିନ ସମ୍ବଲ୍‌ପୁର୍ ସହରର୍ ଝାଡୁଆପଡ଼ା ନ ଥିବା ବ୍ରହ୍ମପୁରା ମନ୍ଦିର

ନ ପଣ୍ଡିତ୍‌ମାନେ ଗୁଟେ ବୈଠକ୍‌ଥି ବସିକରି ଲଗନ୍ ଧାରିଜ୍ କରିଛନ୍ । ମା ସମଲେଶ୍ୱରୀଙ୍କର୍ ରାଶି ନକ୍ଷତ୍ରକେ ନେଇକରି ଆଏବା ୨୮ ତାରିଖ୍ ଗୁରୁବାର୍ ଭୁଦୋ ମାସର୍ ଉଜଲ୍‌ପଖର୍ ପଂଚ୍‌ମୀ ତିଥି ନ ନୂଆଖାଇ ପାଲନ୍ କରାଯିବା ବଲି ପଣ୍ଡିତ୍‌ମାନେ ଲଗନ୍ ବାହାର୍ କରିଛନ୍ । ସେଦିନର୍ ସଖାଲର୍ ୧୦ ବାଜିକରି ୩୩ ମିନିଟ୍‌ନୁ ୧୦ ବାଜିକରି ୫୫ ମିନିଟ୍ ଭିତ୍‌ରେ ମା ସମଲେଶ୍ୱରୀଙ୍କର୍ ନ ନୂଆଁ ଚାଉଲ୍ ଭୋଗ୍ ଲଗାଯିବା । ତାର୍‌ଉତ୍‌ରୁ ଲୋକ୍‌ମାନେ ତାଁକର୍ ଘର୍ ମାନ୍‌କେ ପରିବାର୍ ସାଙ୍ଗେ ମିଶିକରି ନୂଆଁ ଖାଏବେ । ଧାରିଜ୍ ହେଇଥିବା ଲଗ୍ନପତ୍ରକେ ବ୍ରହ୍ମପୁରା ମନ୍ଦିର୍ ଟ୍ରଷ୍ଟ୍‌ର କର୍ମକର୍ତା ଆଉ ମନ୍ଦିର୍‌ର ପୂଜକ ସମ୍‌ଲେଇଙ୍କର୍ ମନ୍ଦିର୍ ନ ପ୍ରଦାନ୍ କରିଛନ୍ । ଇ ବାବ୍‌ଦେ ଲଗନ୍ ଗଣ୍‌ନାଥି ସାମିଲ୍ ହେଇଥିବା ପଣ୍ଡିତ୍ ସଚ୍ଚିଦାନନ୍ଦ ମିଶ୍ର କହିଛନ୍...

(ଭଏସ୍ ଓଭର୍-ସଚ୍ଚିଦାନନ୍ଦ ମିଶ୍ର)

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲା ନ ଭିଲ୍ ନୂଆଖାଇ ଲାଗି ସମିଆ ଧାରିଜ୍ କରାଯାଇଛେ । ସୁବର୍ଣ୍ଣପୁର୍ ରାଜବାଟୀ ପରିସର୍ ନ ଥିବା ଜଗନ୍ନାଥ୍ ମନ୍ଦିର୍‌ର ମୁକ୍ତିମଣ୍ଡପ୍ ଠାନେ ପଣ୍ଡିତ୍ ମହାସଭା ଲଗନ୍ ଧାରିଜ୍ କରିଛନ୍ । ଆଏବା ୨୮ ତାରିଖ୍ ଗୁରୁବାର୍ ଦିନ ସଖାଲର୍ ୧୧ ବାଜିକରି ୯ ମିନିଟ୍‌ନୁ ୧୧ ବାଜିକରି ୨୩ ମିନିଟ୍

ଭିତ୍‌ରେ ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କର୍ ଠାନେ ନବାନ୍ନ ଲାଗି କରାଯିବା ।

ଉଚ୍ଚଶିକ୍ଷାମନ୍ତ୍ରୀ- ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଦିନ୍‌କିଆ ବୌଦ୍ଧ ଜିଲ୍ଲା ଗସ୍ତଥି ଆସିକରି ଜିଲ୍ଲାର୍ ଐତିହାସିକ୍ ପୀଠ ପରିଦର୍ଶନ୍ କରିଛନ୍ । ମର୍ଜାକୁଦ୍, ଜିଲ୍ଲା ଷ୍ଟାଡ଼ିୟମ୍, ଜିଲ୍ଲା ମ୍ୟୁଜିୟମ୍ ବୁଲ୍‌ବାର୍ ଉତ୍‌ରୁ କୁସଙ୍ଗ୍ ଆଉ ଧଳପୁର୍ ଠାନେ କେତେଟା ପ୍ରକଳ୍ପର୍ ଶିଳାନ୍ୟାସ୍ କରିଛନ୍ । ବୌଦ୍ଧ ସର୍କିଟ୍ ହାଉସ୍ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ବୈଠକ୍‌ଥି ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ ପ୍ରକଳ୍ପ ଆଉ କାର୍ଯ୍ୟକ୍ରମ୍‌ର ମନ୍ତ୍ରୀ ସମୀକ୍ଷା କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି ୨୩ ଟା ଜିଲ୍ଲାକେ ସତର୍କ କରାଯାଇଛେ ।